# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 7th September – 2025

********************************

## ମୁଖ୍ୟ ସମ୍ବାଦ

- ନିମାପଡା-ବଳଙ୍ଗା ନୂତନ ସଡକପଥର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା
- ଶିକ୍ଷା ବ୍ୟକ୍ତିତ୍ୱର ପରିପ୍ରକାଶ ସହ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ; କହିଲେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ
- ରାତି ୯ଟା ୫୮ ମିନିଟ୍‌ରୁ ଗୋଟାଏ ୨୬ ମିନିଟ୍ ପର୍ଯ୍ୟନ୍ତ ଦୃଶ୍ୟମାନ ହେବ ଚଳିତବର୍ଷର ଅନ୍ତିମ ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ

ଏବଂ

- କଟକ ସହରରେ ଜାରି ରହିଛି ଦ୍ୱିତୀୟ ପର୍ଯ୍ୟାୟ ଗଣେଶ ଭସାଣ ସମାରୋହ

## ପ୍ରଭାତୀ ପରିଡା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନିମାପଡ଼ାରୁ ବଲଙ୍ଗାକୁ ସଂଯୋଗ କରୁଥିବା ନୂତନ ସଡକପଥର ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୩୬ କୋଟି ୯୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ସଡକପଥ ନିର୍ମାଣ କରାଯିବ। ନିମାପଡ଼ା ବିଜ୍ଞପିତ ଅଂଚଳ ପରିଷଦ ଅଧୀନ ବ୍ଲକ୍ ଛକ ନିକଟରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି, ଆଗାମୀ ଦିନରେ ପିପିଲିରୁ ନିମାପଡା ଏବଂ ଚାରିଛକରୁ କୋଣାର୍କ ରାସ୍ତାର ପ୍ରଶସ୍ତୀକରଣ କରାଯିବ। ଏଥିପାଇଁ ୫୦୦ କୋଟିରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରାଯିବ। ନିମାପଡ଼ା-ବଲଙ୍ଗା ରାସ୍ତାକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବାକୁ ଶ୍ରୀମତୀ ପରିଡା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ପରେ ଶ୍ରୀମତୀ ପରିଡା ନିମାପଡ଼ା ବ୍ଲକ୍ ସମ୍ମିଳନୀ କକ୍ଷଠାରେ ନିମାପଡ଼ା ଗୋପ ଅଞ୍ଚଳର ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ବୈଠକରେ ଯୋଗଦେଇଥିଲେ। ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ତଥା ଅନ୍ୟାନ୍ୟ ସମସ୍ୟାଗୁଡ଼ିକ ସମ୍ପର୍କରେ ଶ୍ରୀମତୀ ପରିଡା ସେମାନଙ୍କ ସହ ଆଲୋଚନା କରିଥିଲେ।

## ଅଭିଯୋଗ ଶୁଣାଣୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଆସନ୍ତାକାଲି ବନ୍ଦ ରହିବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ କେତେକ

ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଯୋଗୁଁ ଜନଅଭିଯୋଗ ଶୁଣାଣୀକୁ ସ୍ଥଗିତ ରଖାଯାଇଛି । ପରବର୍ତ୍ତୀ ଶୁଣାଣୀ ନିଷ୍ପତ୍ତି ଗଣମାଧ୍ୟମ ଦ୍ୱାରା ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## ନିତ୍ୟାନନ୍ଦ ଗଣ୍ଡ

ଶିକ୍ଷା ବ୍ୟକ୍ତିତ୍ୱର ପରିପ୍ରକାଶ କରି ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୪୩ତମ ପ୍ରତିଷ୍ଠା ଦିବସ ଅବସରରେ ଆଜି ପରିଷଦର ମୁଖ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ସମାରୋହରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଯୋଗଦେଇ କହିଛନ୍ତି ଶିକ୍ଷା ହିଁ ସମୃଦ୍ଧ ଭାରତର ମାନଦଣ୍ଡ । ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣରେ ନିରନ୍ତର ସହଭାଗୀ ହୋଇଥିବା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ୪୩ ବର୍ଷର ଯାତ୍ରା ସଫଳତାର ସହ ଅତିକ୍ରମ କରିଥିବାରୁ ମନ୍ତ୍ରୀ ଶ୍ରୀ ଗଣ୍ଡ ପରିଷଦର କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

**- V/O -** (ନିତ୍ୟାନନ୍ଦ ଗଣ୍ଡ)

ଏହି ଅବସରରେ ଏନ୍‌ଏସ୍‌ଏସ୍‌ର ବାର୍ଷିକ ବିବରଣୀ ପୁସ୍ତିକା ସ୍ମରଣିକା **ପ୍ରଜ୍ଞା**କୁ ମନ୍ତ୍ରୀ ଶ୍ରୀ ଗଣ୍ଡ ଉନ୍ମୋଚନ କରିଛନ୍ତି । ଏହି ସମାରୋହରେ ବିଭାଗୀୟ ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦଙ୍କ ସମେତ ପରିଷଦର ବରିଷ୍ଠ କର୍ମକର୍ତ୍ତା ଯୋଗଦେଇଥିଲେ ।

## ପରାମର୍ଶଦାତା କର୍ମଶାଳା

ସହରାଞ୍ଚଳଗୁଡ଼ିକରେ ପାର୍କିଂ ସମସ୍ୟାର ସମାଧାନ ଲକ୍ଷ୍ୟ ନେଇ ଏକ ପରାମର୍ଶଦାତା କର୍ମଶାଳା ଆୟୋଜିତ ହୋଇଯାଇଛି ।  ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଅର୍ବାନ ଏକାଡେମୀ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ବିଭାଗୀୟ ଅଧିକାରୀ, ମ୍ୟୁନିସିପାଲ କମିଶନର, ନାଗରିକ ସମାଜ ପ୍ରତିନିଧି ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ନିଜର ମତ ଉପସ୍ଥାପନ କରିଥିଲେ ।

ପାର୍କିଂର ଉତ୍ତମ ପରିଚାଳନା, ଟ୍ରାଫିକ୍ ନିୟନ୍ତ୍ରଣ ଆଦି ବିଭିନ୍ନ ପ୍ରସଙ୍ଗ ନେଇ କର୍ମଶାଳାରେ ମତ ବିନିମୟ ହୋଇଛି । ରାସ୍ତା ଉପରେ ଏବଂ ରାସ୍ତା ପାର୍ଶ୍ୱ ପାର୍କିଂ ନିୟନ୍ତ୍ରଣ, ଚାହିଦାଭିତ୍ତିକ ପାର୍କିଂ ଶୁଳ୍କ ପ୍ରଚଳନ, ଅବାଧ ପାର୍କିଂକୁ ପ୍ରତିହତ କରିବା, ଚାଲିବା, ସାଇକେଲ ଚାଳନା ଏବଂ ସାର୍ବଜନୀନ ପରିବହନ ସମନ୍ୱୟ ଭଳି ନିରନ୍ତର ଗତିଶୀଳତା ବିକଳ୍ପଗୁଡ଼ିକୁ ପ୍ରୋତ୍ସାହନ ପ୍ରଦାନ କରିବା ଉପରେ କର୍ମଶାଳାରେ ଆଲୋଚନା ହୋଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ରାଜେଶ ପ୍ରଭାକର ପାଟିଲ ଏଥିରେ ଯୋଗଦେଇ ପାର୍କିଂ ବ୍ୟବସ୍ଥା ନେଇ ଚିଠା ନୀତି, ଟ୍ରାଫିକ୍ ନିୟନ୍ତ୍ରଣ, ସୁରକ୍ଷା ବ୍ୟବସ୍ଥା ଏବଂ ନାଗରିକ ଅନୁକୂଳ, ସହରାଞ୍ଚଳ ସ୍ଥାନ ନିରୂପଣ ସମ୍ପର୍କରେ ଏକ ରିପୋର୍ଟ ଉପସ୍ଥାପନ କରିଛନ୍ତି ।

ଚିଠା ପାର୍କିଂ ନୀତି ଆଧାରରେ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଅଧୀନରେ ସ୍ୱଚ୍ଛ ଏବଂ ସ୍ଥାୟୀ ପାର୍କିଂ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନେଇ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରାଯିବ ବୋଲି ବିଭାଗ ସୂତ୍ରରୁ ଜଣାପଡିଛି ।

**ସେବା ପକ୍ଷ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଆସନ୍ତା ୧୭ ତାରିଖଠାରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସେବା ପକ୍ଷ ପାଳନ ନେଇ ନୟାଗଡ଼ ଜିଲ୍ଲା ବିଜେପି ଶାଖା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାସ୍ତରୀୟ ତଥା ମଣ୍ଡଳସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ନେଇ ବୈଠକରେ ଦଳର କର୍ମକର୍ତ୍ତାଙ୍କ ମଧ୍ୟରେ ମତ ବିନିମୟ ହୋଇଛି। ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଏଥିରେ ଯୋଗଦେଇ ସେବା ପକ୍ଷ ଅବସରରେ ସ୍ୱଚ୍ଛତା ଅଭିଯାନ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଜୀବନ ଆଧାରିତ ପ୍ରଦର୍ଶନୀ, ବିକଶିତ ଭାରତ ଚିତ୍ରାଙ୍କନ ପ୍ରତିଯୋଗିତା, 'ଭୋକାଲ ଫର ଲୋକାଲ' ଅଭିଯାନ ନେଇ ସଚେତନତା ବୃଦ୍ଧି ଆଦି କାର୍ଯ୍ୟକ୍ରମଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ହୋଇଛି।

## ଶ୍ରୀମନ୍ଦିର - ଚନ୍ଦ୍ରଗ୍ରହଣ

ଚଳିତ ବର୍ଷର ଅନ୍ତିମ ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ ଆଜି ଦୃଶ୍ୟମାନ ହେବ। ଭାରତୀୟ ସମୟ ଅନୁଯାୟୀ ରାତି ୯ଟା ୫୮ ମିନିଟ୍‌ରୁ ଗ୍ରହଣ ଆରମ୍ଭ ହୋଇ ବିଳମ୍ବିତ ରାତି ଗୋଟାଏ ୨୬ ମିନିଟ୍‌ରେ ଶେଷ ହେବ ବୋଲି ଜ୍ୟୋତିର୍ବିଜ୍ଞାନୀମାନେ ମତ ଦେଇଛନ୍ତି । ଚନ୍ଦ୍ରଗ୍ରହଣକୁ ଦୃଷ୍ଟିରେ ରଖି ପୁରୀ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେଉଛି।

ରାତିରେ ଗ୍ରହଣ ସ୍ପର୍ଶ ହେବା ମାତ୍ରକେ ମହାପ୍ରଭୁମାନଙ୍କର ଗ୍ରହଣ ମହାସ୍ନାନ ଓ ଗ୍ରହଣ ଭୋଗନୀତି କରାଯାଇ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ଗ୍ରହଣ ସର୍ବମୋକ୍ଷ ରାତ୍ରି ଗୋଟାଏ

୨୭ ମିନିଟ୍ ୧୭ ସେକେଣ୍ଡରେ ହେବ। ଶ୍ରୀମନ୍ଦିରରେ ଇନ୍ଦ୍ରଗୋବିନ୍ଦ ବନ୍ଦାପନା ନୀତି ଓ ଇନ୍ଦ୍ରହାତୀ ପ୍ରସ୍ତାବ ନୀତି ଅନୁଷ୍ଠିତ ହୋଇଯାଇଛି।

## ଜିଏସ୍‌ଟି

ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ। ଜିଏସ୍‌ଟି ପରିଷଦର ଗତ ବୁଧବାର ଅନୁଷ୍ଠିତ ବୈଠକରେ ଜଟିଳ ଟିକସ ବ୍ୟବସ୍ଥାକୁ ସରଳୀକରଣ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ୨୨ ତାରିଖରୁ ଏହି ସଂଶୋଧିତ ପ୍ରସ୍ତାବ କାର୍ଯ୍ୟକାରୀ ହେବ।

ଏ ସମ୍ପର୍କରେ ଏକ ରିପୋର୍ଟ......

ଉତ୍ପାଦିତ ଦ୍ରବ୍ୟର ପ୍ୟାକେଜିଂ ପାଇଁ ଆବଶ୍ୟକ ସାମଗ୍ରୀ ଉପରେ ଟିକସ ହାର ହ୍ରାସ ପାଇଛି। ଏମ୍‌ଏସ୍‌ଏମ୍‌ଇ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍‌ଗୁଡ଼ିକ ଏହାଦ୍ୱାରା ଅଧିକ ସୁଫଳ ପାଇବେ।  ଟ୍ରକ୍ ଏବଂ ଡେଲିଭରି ଭ୍ୟାନ୍‌ଗୁଡ଼ିକ ଉପରେ ଜିଏସ୍‌ଟି ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ ପାଇଛି। ଫଳରେ ମାଲ ପରିବହନ ଦର ହ୍ରାସ ପାଇବ। ଦେଶର ଇ-କମର୍ସ ଏବଂ ଭିତ୍ତିଭୂମି ଇକୋ-ସିଷ୍ଟମ ଅଧିକ ସୁଦୃଢ଼ ହୋଇପାରିବ। ପ୍ୟାକେଜିଂରୁ ଆରମ୍ଭ କରି ଉତ୍ପାଦ ହସ୍ତାନ୍ତର ପର୍ଯ୍ୟନ୍ତ ସମଗ୍ର ଶୃଙ୍ଖଳ ଅଧିକ ପ୍ରଭାବଶାଳୀ ଭାବେ କାର୍ଯ୍ୟ କରିବ। ପ୍ରତିଯୋଗିତାମୂଳକ କ୍ଷେତ୍ରରେ ଉନ୍ନତି, ଘରୋଇ ଚାହିଦା ବୃଦ୍ଧି, ଉତ୍ପାଦ କ୍ଷେତ୍ର ତ୍ୱରାନ୍ୱିତ ହେବା ସହ ଏମ୍‌ଏମ୍‌ଏମ୍‌ଇ ପ୍ରତିଷ୍ଠାନଗୁଡ଼ିକର ଆର୍ଥିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଇଛି।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ...............

## ଗଣେଶ ଭସାଣ

କଟକ ସହରର ବିଭିନ୍ନ କ୍ଲବ୍ ଓ ପୂଜାକମିଟି ପକ୍ଷରୁ ଆଜି ଦ୍ୱିତୀୟ ପର୍ଯ୍ୟାୟ ଗଣେଶ ଭସାଣ ସମାରୋହ ଜାରି ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ୩୧୦ରୁ ଊର୍ଦ୍ଧ୍ୱ ପ୍ରତିମା ବିସର୍ଜନ ପାଇଁ ସମ୍ପୃକ୍ତ କ୍ଲବ୍ ଓ କମିଟିଗୁଡ଼ିକୁ ଅନୁମତି ଦିଆଯାଇଛି। ନଦୀ ଜଳକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ କଟକ ଉନ୍ନୟନ ନିଗମ ପକ୍ଷରୁ ୧୫ଟି ସ୍ଥାନରେ କୃତ୍ରିମ ଜଳାଶୟ ସୃଷ୍ଟି କରାଯାଇଛି। ଆଜି ଚନ୍ଦ୍ରଗ୍ରହଣ ଥିବାରୁ ରାତି ୯ଟା ୫୬ ମିନିଟ୍ ସୁଦ୍ଧା ପ୍ରତିମା ବିସର୍ଜନ କରାଯିବ ବୋଲି ଜଣାପଡିଛି। ଭସାଣ ସମୟରେ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକେଲ

'ଫିଟ୍ ଇଣ୍ଡିଆ ଅଭିଯାନ ଅଧୀନରେ ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ ରେଳମଣ୍ଡଳ ପକ୍ଷରୁ ଏକ ସ୍ୱତନ୍ତ୍ର ସାଇକ୍ଲୋଥୋନ-୨୦୨୫' ସଚେତନତା ଅଭିଯାନ ଆଜି ଅନୁଷ୍ଠିତ ହୋଇଛି। ସଣ୍ଡେଜ୍ ଅନ୍ ସାଇକେଲ କାର୍ଯ୍ୟକ୍ରମରେ ରେଳ ବିଭାଗର କର୍ମଚାରୀ ଅଂଶଗ୍ରହଣ କରି ଶାରୀରିକ ଏବଂ ମାନସିକ ସୁସ୍ଥତା ଉପରେ ଲୋକଙ୍କୁ ସଚେତନ କରାଇଛନ୍ତି।

## ନିଶାଦ୍ରବ୍ୟ କାରବାର

ଓଡ଼ିଶା ଅବକାରୀ ବିଭାଗ ପକ୍ଷରୁ ରାଜ୍ୟରେ ଚୋରା ନିଶାଦ୍ରବ୍ୟ କାରବାରକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଭିନ୍ନ ସ୍ଥାନରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧ କୋଟି ୪୨ ଲକ୍ଷ ଟଙ୍କାର ନିଶାଦ୍ରବ୍ୟ ଜବତ କରାଯାଇଛି। ୨୬୪ଟି ମାମଲା ରୁଜୁ କରାଯିବା

ସହ ୧୮୩ ଜଣଙ୍କୁ ଗିରଫ କରାଯାଇଛି । ଜବତ ସାମଗ୍ରୀ ମଧ୍ୟରେ ୨୫୧ କିଲୋଗ୍ରାମ ଗଞ୍ଜେଇ, ୩୧୭ ଗ୍ରାମ ବ୍ରାଉନ୍‌ସୁଗାର, ୯ କିଲୋଗ୍ରାମ ଭାଙ୍ଗ ଅନ୍ତର୍ଭୁକ୍ତ । ବେଆଇନ୍ ଉପାୟରେ ପ୍ରସ୍ତୁତ ବହୁ ପରିମାଣର ଜବତ ମଦକୁ ମଧ୍ୟ ନଷ୍ଟ କରାଯାଇଛି ।

## ଆନ୍ଦୋଳନ

**ମାଲକାନଗିରି** ଜିଲ୍ଲାରେ ୟୁରିଆ ସାର ଅଭାବ ଅଭିଯୋଗ ନେଇ ମହାରାଜପଲ୍ଲୀ ପଂଚାୟତର ଚାଷୀ ଆଜି ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ । ଫଳରେ ବହୁ ସମୟ ଧରି ଯାନବାହାନ ଚଳାଚଳ ବନ୍ଦ ରହିଥିଲ । ତେବେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ପରେ ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି । ଜିଲ୍ଲାର କିଛି ପଂଚାୟତରେ ଏପର୍ଯ୍ୟନ୍ତ ୟୁରିଆ ସାର ପହଞ୍ଚି ନଥିବା ନେଇ ଚାଷୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି ।

## ଆଦି କର୍ମଯୋଗୀ

**ନବରଙ୍ଗପୁର** ଜିଲ୍ଲା ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ଆଦି କର୍ମଯୋଗୀ ଅଭିଯାନ ଅଧୀନରେ ଏକ ୩ ଦିନିଆ କର୍ମଶାଳା ଉଦ୍‌ଯାପିତ ହୋଇଛି । ଏଥିରେ ୧୦ଟି ବ୍ଲକ୍‌ର  ବିଭିନ୍ନ ବିଭାଗର ୫୮ ଜଣ ଅଧିକାରୀ ଏବଂ ୩ଟି ନାଗରିକ ସାମାଜିକ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ । ଆସନ୍ତା ୧୦ ତାରିଖ ମଧ୍ୟରେ ବ୍ଲକ୍‌ସ୍ତରୀୟ ଅଧିକାରୀଙ୍କ ନିମନ୍ତେ କର୍ମଶାଳା ଆୟୋଜନ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

## ପଲ୍ଲୀରେ ପ୍ରଶାସନ

**ଖୋର୍ଦ୍ଧା** ବ୍ଲକ୍ ବାଣପୁର ଗ୍ରାମପଞ୍ଚାୟତରେ ଆସନ୍ତାକାଲି  **ପଲ୍ଲୀରେ ପ୍ରଶାସନ** କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପଂଚାୟତ ଅନ୍ତର୍ଗତ ବିଭିନ୍ନ ବ୍ଲକ୍‌ରେ ଏହି

କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇ ଜନସାଧାରଣଙ୍କୁ ବିଭିନ୍ନ ସରକାରୀ ସେବା ଯୋଗାଇ ଦିଆଯିବ। ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଛି ବୋଲି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି।

## ପାଣିପାଗ

ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ସନ୍ଧ୍ୟା ୬ଟା ସୁଦ୍ଧା ୬୨୬ ଦଶମିକ ୬/୨ ଫୁଟ ରହିଥିଲା। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡ୍‌ରେ ୧ ଲକ୍ଷ ୬୪ ହଜାର ୫୫୬ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୪ଟି ସ୍ଲୁଇସ୍ ଗେଟ୍ ମାଧ୍ୟମରେ ୧ ଲକ୍ଷ ୫ ହଜାର ୬ ଘନଫୁଟ ଜଳ ମହାନଦୀକୁ ନିଷ୍କାସିତ ହେଉଛି।